# ସାରୀପୁତ୍ତ

ସାରୀପୁତ୍ତ ଫେରି ଆସୁଛି ଆଜି । ଭିକ୍ଷୁ ସାରୀପୁତ୍ତ ନୁହେଁ, ବୁଦ୍ଧଙ୍କର ଶିଷ୍ୟଶିରୋମଣି ସାରୀପୁତ୍ତ ନୁହେଁ, ରୂପଶ୍ରୀର ପୁତ୍ର ସାରୀପୁତ୍ତ ଫେରି ଆସିବ ଆଜି ଜନନୀର ଶୂନ୍ୟ କୁଟୀରକୁ ।

ମୁକୁଳିତ ଆମ୍ରୋଦ୍ୟାନରେ କୋକିଳର କୁହୁରବ ଅଶାନ୍ତରୁ ଅଶାନ୍ତତର ହୋଇ ଉଠୁଛି । ସେହି ବ୍ୟଗ୍ର ଅଶାନ୍ତ କୁହୁରବ ଭିତରେ ପ୍ରକାଶ ପାଇଛି ଯେପରି ଜନନୀ ରୂପଶ୍ରୀର ଆହ୍ୱାନ- ଫେରିଆସ ପୁତ୍ର, ଫେରିଆସ ସାରୀପୁତ୍ତ!

ସାରୀପୁତ୍ତ ଫେରି ଆସୁଛି ଆଜି!

ଦେବତା, ବ୍ରାହ୍ମଣଙ୍କ କଥା କ' ଣ ମିଛ ହୁଏ? ସେ ଦିନ ରାତି – କିଏ ଦେବତା ଆସି ସ୍ୱପ୍ନରେ ଦେଖା ଦେଇ କହିଲେ, "ତମେ ପୂର୍ବ ଜନ୍ମର ଦୁଷ୍କୃତରୁ ଏ ଜନ୍ମରେ ଏପରି ପୁତ୍ର ବିଚ୍ଛେଦ ଭୋଗ କରୁଛ । କିନ୍ତୁ ସେ ଦୁଃଖର ରାତି ଏଥର ପାହି ଆସିଲା । ରୂପଶ୍ରୀ! ଦେବ ଦ୍ୱିଜରେ ଭକ୍ତି ରଖ । ବ୍ରାହ୍ମଣଙ୍କୁ ସୁବର୍ଣ୍ଣ ଦାନ କର । ସାରୀପୁତ୍ତ ଫେରି ଆସିବ ନିଶ୍ଚୟ!"

ରାତି ସେତେବେଳକୁ ତଥାପି ଥାଏ ଆଉରି ବାକୀ, ରୂପଶ୍ରୀର ଆଖିରେ ଆଉ ପଲକ ପଡ଼ିଲା ନାହିଁ । ସକାଳର ଅପେକ୍ଷାରେ ସେ ଖାଲି ବିଛଣାରେ ପଡ଼ି ଛଟପଟ ହେଉଥାଏ । ଭଲକରି ସକାଳ ନ ହେଉଣୁ ସେ ଧାଇଁଲା ବ୍ରାହ୍ମଣ ଶୁଭ୍ରଜ୍ୟୋତିଙ୍କ ଘରକୁ । ନୀଚ ଶୂଦ୍ର କୁଳରେ ଜନ୍ମ ରୂପଶ୍ରୀର । ଶୁଭ୍ରଜ୍ୟୋତି ସେତେବେଳକୁ ବାହାରିଥିଲେ ମନ୍ଦିର ପଥରେ ପୂଜାର ଉପକରଣ ଘେନି । ପଥପାର୍ଶ୍ୱରେ ଶୂଦ୍ରାଣୀ ରୂପଶ୍ରୀକୁ ଦେଖି ବିରକ୍ତ ହୋଇ କହିଲେ... "ଦେଖି ପାରୁ ନାହୁଁ ପାପୀୟସି! ପୂଜା ଉପକରଣ ଘେନି ମୁଁ ବିଷ୍ଣୁଙ୍କ ମନ୍ଦିରକୁ ଯାଉଛି । ତୋ' ର ଛାୟା ପଡ଼ି ସବୁ ଅପବିତ୍ର ହୋଇଗଲା ଯେ!"

ଶୂଦ୍ରାଣୀ ରୂପଶ୍ରୀ, ଅନୁନୟର କଣ୍ଠରେ କହିଲା, "ମୋତେ କ୍ଷମା କରନ୍ତୁ ବ୍ରାହ୍ମଣ ଶୁଭ୍ରଜ୍ୟୋତି, ମୋର ଅପରାଧ ହୋଇଛି ।"

ତା' ପରେ ଛିନ୍ନ ମଳିନ ପରିଧାନର ଅନ୍ତରାଳରୁ ତା' ର, କେତେଗୋଟି ବହୁଦିନରୁ ସଞ୍ଚିତ ସ୍ୱର୍ଣ୍ଣମୁଦ୍ରା କାଢ଼ି ଶୁଭ୍ରଜ୍ୟୋତିଙ୍କ ପାଦତଳେ ରଖି ସେ କହିଲା, ନିଆଶ୍ରୀ ହୀନକପାଳୀ ମୁଁ ବ୍ରାହ୍ମଣ ! ଆପଣଙ୍କ ପାଖକୁ ଆସିଛି ଗୋଟିଏ ପରାମର୍ଶ ପାଇଁ ।"

ଶୁଭ୍ରଜ୍ୟୋତିଙ୍କ ଗଳାର ସ୍ୱର ନରମ ହୋଇଗଲା । ସେ ଆଶ୍ୱାସନା ଓ ଦମ୍ଭ ଶୁଣାଇ କହିଲେ; "କ' ଣ ହୋଇଛି ମୋତେ କୁହ ରୂପଶ୍ରୀ । ଦୁଃଖରେ ଅଧୀର ହୁଅନା । ପ୍ରାଣୀର ଦୁଃଖ ଅପନୋଦନ କରିବା ତ ବ୍ରାହ୍ମଣର କର୍ତ୍ତବ୍ୟ । ଏ ସ୍ୱର୍ଣ୍ଣମୁଦ୍ରାରେ ବା କି ପ୍ରୟୋଜନ ଥିଲା? ହେଉ, ଆଣିଛୁ ଯେତେବେଳେ, ନ ନେଲେ ତ ମୋର ଅପରାଧ ହେବ!"

ରୂପଶ୍ରୀ କହିଲା, "ସାରୀପୁତ୍ତ କ' ଣ ସତରେ ଫେରିବ ଆଉ ବ୍ରାହ୍ମଣ? କାଲି ରାତିରେ ମୁଁ ସ୍ୱପ୍ନରେ ଦେଖିଲି, ଜଣେ ଦେବତା ମୋତେ ସ୍ୱପ୍ନରେ ଦେଖାଦେଇ ଅଭୟ ଶୁଣାଇଲେ, ମୋର ସାରୀ ଫେରି ଆସିବ ନିଶ୍ଚୟ । କେଉଁ ପୂର୍ବଜନ୍ମର ଦୁଷ୍କୃତରୁ ମୁଁ କୁଆଡ଼େ ଏ ଜନ୍ମରେ ଏ ପୁତ୍ରବିଚ୍ଛେଦ ଭୋଗ କରୁଛି । କିନ୍ତୁ ସାରୀ ଫେରିବ ତ! କୁହ ବ୍ରାହ୍ମଣ । ତମେ ତ ତ୍ରିକାଳଦର୍ଶୀ ।"

ଶୁଭ୍ରଜ୍ୟୋତି କିଛି ସମୟ ଦୁଇ ଚକ୍ଷୁ ନିମୀଳିତ କରିବା ପରେ କହିଲେ, "ତମେ ପୂର୍ବ ଜନ୍ମରେ ବ୍ୟାଧ ରୂପରେ ଜନ୍ମ ନେଇଥିଲ ରୂପଶ୍ରୀ । ଦିନେ ଗୋଟିଏ ମୃଗିଣୀ ମୃଗ ଶିଶୁ ସହିତ ଯାଉଥିଲା ଶାନ୍ତ ଛାୟାସ୍ନିଗ୍ଧ ଅରଣ୍ୟ ପଥରେ । ସେତିକିବେଳେ ତମେ ଶର ସନ୍ଧାନ କଲ ମୃଗିଣୀକୁ ଲକ୍ଷ୍ୟକରି । କିନ୍ତୁ ଶରଭେଦ କଲା, ମୃଗଶିଶୁର ନବନୀତ କୋମଳ ଦେହରେ । ସଙ୍ଗେ ସଙ୍ଗେ ଯନ୍ତ୍ରଣାର ଜ୍ୱାଳାରେ ପ୍ରାଣବାୟୁ ତା' ର ଉଡ଼ିଗଲା । ସେହି ମୃଗିଣୀର ଅଭିଶାପରେ ତମକୁ ଏ ଜନ୍ମରେ ଭୋଗ କରିବା ପାଇଁ ପଡୁଛି ଏ ପୁତ୍ର ବିଚ୍ଛେଦ ଯନ୍ତ୍ରଣା । ତଥାପି ସ୍ୱଚ୍ଛ ହୃଦୟରେ ଫେରିଯାଅ ରୂପଶ୍ରୀ, ସାରୀପୁତ୍ତ ଫେରି ଆସିବ ନିଶ୍ଚୟ!"

ରୂପଶ୍ରୀ ବ୍ରାହ୍ମଣ ଶୁଭ୍ରଜ୍ୟୋତିଙ୍କ ପାଦତଳେ ପ୍ରଣତି ଜଣାଇ କହିଲା, "ତମର ଆଶୀର୍ବାଦ ପୂର୍ଣ୍ଣ ହେଉ ବ୍ରାହ୍ମଣ!"

ସେ ଅନେକ ଅନେକ ଦିନ ତଳର କଥା । ସାରୀପୁତ୍ତର ପ୍ରତୀକ୍ଷାରେ ଦିନ ରାତି ହୁଏ, ରାତି ଦିନ ହୁଏ ପୁଣି । ତଥାପି ଭାଙ୍ଗେ ନାହିଁ ରୂପଶ୍ରୀର ଆଶା-ସାରୀପୁତ୍ତ ଫେରିବ ନିଶ୍ଚୟ ।

ଦିନେ ଦିନେ ଜନଶ୍ରୁତିରେ ରୂପଶ୍ରୀ ଶୁଣେ ପୁତ୍ର ସାରୀପୁତ୍ତର କଥା । ପ୍ରଭୁ ବୁଦ୍ଧଙ୍କର ଶିଷ୍ୟ ଶିରୋମଣି ସାରୀପୁତ୍ତ- ପ୍ରଭାରେ ତାଙ୍କର ସମୁଦାୟ ଆର୍ଯ୍ୟାବର୍ତ୍ତ ଉଦ୍‌ଭାସିତ, ମହିମାରେ ମହିମାନ୍ୱିତ, କରୁଣାରେ ସ୍ନିଗ୍ଧ ଓ ସାଧନାରେ ଉଜ୍ଜ୍ୱଳ । କିନ୍ତୁ ପୁତ୍ରର ସୁଖ୍ୟାତିରେ ଜନନୀର ପ୍ରାଣ ଗର୍ବୋତ୍‌ଫୁଲ୍ଲ ହୁଏନା! ପ୍ରାଣର ନିଭୃତ କନ୍ଦରରେ ତା' ର ଜାଗି ଉଠେ ଅସ୍ଫୁଟ ନୀରବ ପ୍ରାର୍ଥନା-ସାରୀପୁତ୍ତକୁ ସଦ୍‌ବୁଦ୍ଧି ଦିଅ ଭଗବାନ । ଏ ମତିଭ୍ରମରୁ ଅବୋଧ ପୁତ୍ରକୁ ତା' ର ରକ୍ଷା କର ପ୍ରଭୁ । ଦେବତା ବ୍ରାହ୍ମଣ ନିନ୍ଦାଠୁଁ ବଳି ଆଉ କି ଘୋରତର ପାପ ବା ଥାଇପାରେ? ମଣିଷ ଜନ୍ମମାତ୍ରେ ସମାନ, ଏହା କ' ଣ ସମ୍ଭବ ହୋଇପାରେ କେବେ? ବେଦକୁ ଅସ୍ୱୀକାର କଲେ, ସପ୍ତ ନରକରେ ସୁଦ୍ଧା ସ୍ଥାନ ମିଳିବ ନାହିଁ ଯେ । ହେ ଦଶଦିଗପାଳ, ହେ ତେତ୍ରିଶକୋଟି ଦେବତା ସାରୀପୁତ୍ତକୁ ମାର୍ଜ୍ଜନା କର, ସଦ୍‌ବୁଦ୍ଧି ଦିଅ ତାକୁ!

କେବେ କେବେ ବୌଦ୍ଧଭିକ୍ଷୁମାନେ, ରୂପଶ୍ରୀର କୁଟୀରକୁ ଆସନ୍ତି ଭିକ୍ଷାପାଇଁ । କିନ୍ତୁ ରୂପଶ୍ରୀ ସେମାନଙ୍କୁ ଦୂର୍ ଦୂର୍ ମାର୍ ମାର୍ କରି ତଡ଼ିଦିଏ । ବୌଦ୍ଧଭିକ୍ଷୁମାନଙ୍କୁ ଦେଖିଲେ ତା' ର ଦେହସାରା ଯେମିତି ବିଷ ଚରିଯାଏ । କରୁଣାର ଆବରଣ ତଳେ କି ନିଷ୍କରୁଣ ଜୀବ ଏମାନେ । ଘର ନାହିଁ, ଦ୍ୱାର ନାହିଁ, ମା' ନାହିଁ, ପୁଅ ନାହିଁ, ଝିଅ ନାହିଁ, ମାୟା ନାହିଁ, ମମତା ନାହିଁ- ଅଥଚ କିଏ ଏମାନଙ୍କୁ କହିଥିଲା ଏ ପୃଥିବୀକୁ ଆସି ପୃଥିବୀର ଦୁଃଖ ସଙ୍ଗରେ ଅଶାନ୍ତିର ଭାର ବଢ଼ାଇବା ପାଇଁ ? ରୂପଶ୍ରୀ କେବେ ଅବଶ୍ୟ ବୁଦ୍ଧଙ୍କୁ ଦେଖିନାହିଁ । କିନ୍ତୁ ଶୁଣିଛି- ସେ ଦିନ କୁଆଡ଼େ କି ଗୋଟିଏ ପୂର୍ଣ୍ଣମୀର ରାତି । କପିଳବାସ୍ତୁ ରାଜପ୍ରାସାଦରେ ସମସ୍ତେ ଯିଏ ଯୁଆଡ଼େ ଶୋଇ ପଡ଼ିଲେଣି । ସୁକୁମାରୀ ଗୋପା ସ୍ୱାମୀଙ୍କ ବାହୁ ଉପରେ ପୁଷ୍ପିତ କବରୀର ଭାର ରଖି ଶୋଇ ପଡ଼ିଛନ୍ତି । ଗୋପାଙ୍କ କୋଳରେ ଶିଶୁ ରାହୁଳ ମଧ ନିଦ୍ରା-ଅଚେତନ । ରାତିର ସେହି ନିସ୍ତବ୍‌ଧ ପ୍ରହରରେ ଗୌତମ, ଗୋପାଙ୍କ ମୁଣ୍ଡ ନିଜ ବାହୁ ଉପରୁ ଖସାଇ ନେଲେ । ତା' ପରେ ସନ୍ନ୍ୟାସୀର ଗୈରିକ ବସନ ପିନ୍ଧି ବାହାରିଲେ କପିଳବାସ୍ତୁର ସୁପ୍ତ ରାଜପଥରେ । ଆଉ ପଛରେ ରଖିଗଲେ ଏକ ବିରାଟ ଅଶାନ୍ତି, ଶେଷହୀନ ହା-ହା-କାର ଓ ତୃପ୍ତିହୀନ ତୃଷ୍ଣା । ଯେତେଥର ରୂପଶ୍ରୀ ଗୋପାଙ୍କ କଥା ଭାବିଛି, ସେତେଥର ରାଜରାଣୀ ଗୋପାଙ୍କ ଦୁଃଖରେ ପ୍ରାଣ ତାଙ୍କର କାନ୍ଦି କାନ୍ଦି ଉଠିଛି । ଶିଥିଳ, ରକ୍ତହୀନ ଦୁଇ ଗଣ୍ଡ ଉପରେ ବହି ଆସିଛି ଦୁଇଧାର ଲୁହ ।

ସାରୀପୁତ୍ତ ଦିନେ ବିବାହ କରିଥାନ୍ତା, ଘରକୁ ଆସିଥାନ୍ତା ପୁତ୍ରବଧୂ । ତା' ର ଶୁଭ କଙ୍କଣଧ୍ୱନିରେ ରୂପଶ୍ରୀର ରିକ୍ତ, ଶୂନ୍ୟ ଜୀବନର ହା-ହା-କାରମୟ କୋଣ ଅନୁକୋଣ ମୁଖରିତ ହୋଇ ଉଠିଥାନ୍ତା । ତା' ପରେ ଆସିଥାନ୍ତେ ବସନ୍ତର ନବମୁକୁଳ ପରି, କେତେ ଶିଶୁ କୋଳାହଳ କରି ।

ଶୀତଶୀର୍ଣ୍ଣା ଧରଣୀରେ ବସନ୍ତର କଳରବ ପରି, ରୂପଶ୍ରୀର ଜୀବନରେ ମଧ୍ୟ ଆସିଥାନ୍ତା ବସନ୍ତ । କିନ୍ତୁ ହେଲା ଆଉ କେଉଁଠୁ? ସବୁ ସ୍ୱପ୍ନ ଖାଲି ସ୍ୱପ୍ନରେ ହିଁ ରହିଗଲା । ସାରୀପୁଓ ହେଲା ଘରଛଡ଼ା ଉଦାସୀ!

ଏ... । ଦିନଆସି କେତେ ହେଲାଣି ମ ? ରୂପଶ୍ରୀ ତରତର କରି ବିଛଣା ଉପରେ ଉଠି ବସିଲା । ନା, ଆଜି ଆଉ ସେ କାହା ଦୁଆରକୁ ଯିବନାହିଁ ପାଇଟି କରି! ଆଜି ଯେ ସେ ତା' ର ହଜିଲା କୋଟିନିଧି ପୁଣି ଫେରି ପାଇବ, ଆଉ ରହିବ ନାହିଁ ଦାରିଦ୍ର୍ୟ , ଅଭାବ ଓ ଦୁଃଖ । ଚାଳ ଉପରେ ଶୁଭ କାଉଟିଏ କା-କା ହେଉଛି! ରୂପଶ୍ରୀ ଉଠିଯାଇ ମୁଠାଏ ଚାଉଳ ରଖିଦେଲା ଦୁଆର ମଝିରେ । କାଉ ଆସି ଗୋଟିଏ ମୁଠା ଚାଉଳ ଖୁମ୍ପିନେଇ ପୁଣି ଉଡ଼ିଗଲା ଚାଳ ଉପରକୁ । ଶୁଭକାଉ କଥା ମିଛ ହେବନାହିଁ କେବେ... ସାରୀପୁଓ ଫେରିଆସୁଛି, ଆଜି ରୂପଶ୍ରୀର କୋଳକୁ!

ଏତେଦିନ ଏତେ ଆଶା ତ ମିଛ ହୋଇଛି । ଆଜି ଯଦି ଆଗପରି ସବୁ ମିଛ ହୋଇଯାଏ? ରୂପଶ୍ରୀର ଛାତି ଦମ୍ ଦମ୍ ହୋଇ ପଡ଼ିଲା ।... ନା ନା, ଶୁଭକାଉର କଥା କ' ଣ ମିଛ ହୁଏ କେବେ?

ସେଦିନ ରୂପଶ୍ରୀ, ସାରା ଦିନର ପେଟପାଟଣା ପରେ କୁଡ଼ିଆ ଦୁଆରେ ବସି ଚାହିଁଥିଲା, ଦୂରର ଅଙ୍କାବଙ୍କା ରାସ୍ତାଆଡ଼େ । ସେଇ ରାସ୍ତାରେ ସାରୀପୁଓ ଦିନେ କୁଆଡ଼େ ଚାଲିଗଲା । ଆଉ ହୁଏତ ଫେରିବ ନାହିଁ । କିନ୍ତୁ ଶୁଭ୍ରଜ୍ୟୋତି ତ ବାରମ୍ବାର ସାନ୍ତ୍ୱନା ଦିଅନ୍ତି ତାକୁ, କେଜାଣି ହୁଏତ ଫେରିପାରେ ।

ଓଃ... ସେ ଅନେକ, ଅନେକ ଦିନ ତଳର କଥା । ନାଳନ୍ଦାରୁ ଦଳେ ଅଭିନେତା ସବୁଆଡ଼େ ବୁଲି ବୁଲି 'ନିର୍ବାଣ' ନାଟକର ଅଭିନୟ ଦେଖାଉଥାନ୍ତି । ଦିନେ ଅଭିନୟ ଦେଖିଯିବା ପାଇଁ ସାରୀପୁଓ ଅଡ଼ି ବସିଲା । ରୂପଶ୍ରୀ ସେଥିରେ ବାଧା ଦେଲାନାହିଁ । ଅଭିନୟ ଦେଖି ଫେରିବା ପରେ ସାରୀପୁଓ ପାଲଟିଗଲା ଯେମିତି ଗୋଟିଏ ଭିନ୍ନେ ମଣିଷ । ସେଦିନ ସାରୀପୁଓ ସବୁଦିନ ପରି ଗୋଠକୁ ଗାଈପଲ ଧରି ଗଲା ନାହିଁ, ଗାଧୋଇଲା ନାହିଁ କି ଖାଇଲା ନାହିଁ । ରୂପଶ୍ରୀର ଲକ୍ଷ ପ୍ରଶ୍ନ – କ' ଣ ହୋଇଛି ତା' ର? କିନ୍ତୁ ସାରୀପୁଓ କୌଣସି ଉତ୍ତର ଦେଲା ନାହିଁ । କେତେବେଳ ପରେ ସାରୀପୁଓ ପଚାରିଲା, "ତୁ କ' ଣ ଦିନେ ମରିଯିବୁ ବୋଉ?" ରୂପଶ୍ରୀ ହସି ହସି ଜବାବ ଦେଲା, "ସେ ଆଉ ନୂଆ କଥା କ' ଣରେ ବାପ? ଦେବତାମାନେ ସୁଦ୍ଧା ଜନ୍ମହେଲେ ମରନ୍ତି ।"

ସାରୀପୁଓ ପଚାରିଲା, "ମୁଁ ବି ତ ଦିନେ ମରିଯିବି ବୋଉ!"

ରୂପଶ୍ରୀର ମୁହଁ ଉପରେ ଯେପରି କଳାମେଘର ଛାଇ ବୁଲିଗଲା । ସେ କାନ୍ଦ କାନ୍ଦ ହୋଇ ସାରୀପୁଓକୁ ଛାତି ଉପରେ ଚାପି ଧରି କହିଲା, "ସେ କଥା ଆଉ କେବେ ମୁହଁରେ ଧରିବୁ ନାହିଁରେ ବାପ! ତୋରି ମୁହଁକୁ ଚାହିଁ ମୁଁ ଖାଲି ଛାତି ପଥର କରି ପଡ଼ି ରହିଛି । ଷଟୀଦୁଣୀ ତତେ ନଈବାଲିର ଆୟୁଷ ଦିଅନ୍ତୁ ।"

ସାରୀପୁଓ ଧୀରେ ଧୀରେ ଉଠି ଠିଆ ହେଲା । ତା' ପରେ ଗାଁ ଦାଣ୍ଡର ସେଇ ଅଙ୍କାବଙ୍କା ରାସ୍ତାରେ ବାହାରିଗଲା କୁଆଡ଼େ । ରୂପଶ୍ରୀ ମନେ ମନେ ଭାବିଲା, ମୁଣ୍ଡପାଗଳାଟା, କ' ଣ ଏଣୁତେଣୁ ଗୁଡ଼ାଏ ପଚାରୁଥିଲା । ବାହାରୁ ଟିକିଏ ବୁଲି ଆସିଲେ ମନ ତା' ର ପୁଣି ବଦଳିଯିବ ଯେ! ରୂପଶ୍ରୀ ନିତିଦିନିଆ ପେଟପାଟଣାରେ ମନ ଦେଲା ।

ସନ୍ଧ୍ୟା ହେଲା । ଗୋଠରୁ ଗାଈପଲ ଫେରିଲେ । ଦେଉଳରେ ଆରତି ଘଣ୍ଟା ବାଜିଲା । ରାତି ଆସିଲା । ଅନ୍ଧାର ଆଉରି ନିବୁଜ ହୋଇ ଆସିଲା । ଆକାଶରେ ଏକ, ଦୁଇ, ତିନି ହୋଇ ଫୁଟି ଉଠିଲା କୋଟି କୋଟି ନକ୍ଷତ୍ର । ସାରୀ କାହିଁ । କାହିଁ ସାରୀପୁଓ?

ନିଜର ଚିନ୍ତାରେ ରୂପଶ୍ରୀ ନିଜେ କୁଆଡ଼େ ହଜି ଯାଇଛି । ଜଣେ ବୌଦ୍ଧଭିକ୍ଷୁ କୁଆଡୁ ଆସି ରୂପଶ୍ରୀର ପିଣ୍ଡାରେ ବସିପଡ଼ି ଗାଇ ଉଠିଲା......

"ବୁଦ୍ଧଂ ଶରଣଂ ଗଚ୍ଛାମି!"

ରୂପଶ୍ରୀର ଦେହସାରା ଯେମିତି ବିଷ ଚରିଗଲା । ମାତ୍ର ନିଜକୁ ସଂଯତ କରି, ସେ କେଜାଣି କାହିଁକି ପଚାରି ଦେଲା, "ଆଚ୍ଛା, ତୁମେ ସାରୀପୁତ୍ତଙ୍କ ଖବର ଜାଣିଛ ଭିକ୍ଷୁ?"

ଭିକ୍ଷୁ କହିଲା, "ନିଶ୍ଚୟ! ତାଙ୍କରିଠାରୁ ଖବର ନେଇ ତ ଲୁମ୍ବିନୀରୁ ଏତେ ବାଟ ଚାଲି ଚାଲି ଆସୁଛି ।"

ରୂପଶ୍ରୀ ଆନନ୍ଦୋତ୍ଫୁଲ୍ଲ କଣ୍ଠରେ ପଚାରିଲା, "କି ଖବର ପଠାଇଛି ସାରୀପୁତ୍ତ? କୁହ ଭିକ୍ଷୁ ତାରି ପାଇଁ ତ ମୁଁ ଚାତକ ପରି ଚାହିଁ ବସିଛି । କୁହ ଭିକ୍ଷୁ, ତା' ର ସବୁ କୁଶଳ ତ?"

ଭିକ୍ଷୁ କହିଲା, "ଆସନ୍ତା ଫାଲଗୁନ ପୂର୍ଣ୍ଣିମା ଦିନ ସେ ଫେରି ଆସିବେ ବୋଲି ମୋ' ହାତରେ ଖବର ପଠାଇଛନ୍ତି ମା' !"

ସେ ଦିନ ରୂପଶ୍ରୀ ଦ୍ୱାରରୁ ଭିକ୍ଷାତଣ୍ଡୁଳର ଭାର ଭିକ୍ଷୁ ବୋହି ପାରିଲା ନାହିଁ । ଏହି ଘରଛଡ଼ା ଭିକ୍ଷୁମାନଙ୍କ ପ୍ରତି ରୂପଶ୍ରୀର ପ୍ରାଣ କିପରି ଅସ୍ୱାଭାବିକ ଭାବରେ କୋମଳ ହୋଇ ଉଠିଲା!

ସେ ଦିନ ଫାଲଗୁନ ପୂର୍ଣ୍ଣିମା...

ପୂର୍ଣ୍ଣଚନ୍ଦ୍ର ଉଠୁଛି ରାଜଗୃହ ସୀମାନ୍ତରେ ବନଶୀର୍ଷ ଉଢ଼ାଳରୁ । ରୂପଶ୍ରୀ ସେହି ପୂର୍ଣ୍ଣଚନ୍ଦ୍ର ଆଡ଼େ ଚାହିଁ ସ୍ୱପ୍ନର ଜାଲ ବୁଣି ଚାଲିଛି । ପୁଣି ତା' ର ଭଙ୍ଗା ସଂସାର ସୁନାର ହସରେ ହସି ଉଠିବ । ସାରୀପୁତ୍ତକୁ ବିବାହ ନ ଦେଇ ସେ ଛାଡ଼ିବ ନାହିଁ ଏଥର ।

ସେଇ ଯେଉଁ ଚମ୍ପାଗୋରୀ ଝିଅଟି-ଉପାଳୀ! ଅନେକ, ଅନେକ ଦିନରୁ ରୂପଶ୍ରୀ ତା' କଥା ଭାବି ଠିକ୍ କରି ରଖିଛି । ଉପାଳୀର କଳା ଆଖିର ସ୍ୱପ୍ନ-ଜାଲରେ ଥରେ ଧରା ପଡ଼ିଲେ, ସେ କ' ଣ ଆଉ କେବେ ଏ ଘରଛଡ଼ା ଭିକ୍ଷୁଙ୍କ ଦଳରେ ମିଶିବ? ହେ ଭଗବାନ! ଏଥର ଯେମିତି ତା' ର ହାରାନିଧି, ହାତକୁ ଆସି ପୁଣି ହାତଛଡ଼ା ନ ହୁଏ!

ପୂର୍ଣ୍ଣମୀର ଚନ୍ଦ୍ର ଦିଗ୍‌ବଳୟର ବହୁତ ଉପରକୁ ଉଠି ଆସିଲାଣି । ରୂପଶ୍ରୀର ମନର ଆକାଶରେ ଆଶଙ୍କାର ଛାଇ କ୍ରମେ ଦୀର୍ଘରୁ ଦୀର୍ଘତର ହୋଇ ଉଠୁଛି । ଏତିକିବେଳେ ଦୂରରୁ କାହାର କଣ୍ଠରେ ଶୁଭିଲା, "ବୁଦ୍ଧଂ ଶରଣଂ ଗଚ୍ଛାମି ।"

କାହାର? କାହାର ଏ କଣ୍ଠସ୍ୱର? ଏ ଯେ ସାରୀପୁତ୍ତ! ରୂପଶ୍ରୀ ଉଠି ପଡ଼ି ଧାଇଁଗଲା ପୂର୍ଣ୍ଣମୀର ଜ୍ୟୋତ୍ସ୍ନାଲୋକ ଭିତରକୁ । କଣ୍ଠରେ ତା' ର ଅଶାନ୍ତ ଚିତ୍କାର, "ସାରୀ-ସାରୀପୁତ୍ତ!"

ଗୋଟିଏ ଶୀର୍ଣ୍ଣ, ଲଣ୍ଡିତମସ୍ତକ, ଜରାଜୀର୍ଣ୍ଣର୍ ଭିକ୍ଷୁ ରୂପଶ୍ରୀର ପାଦତଳେ ମୁଣ୍ଡ ନୁଆଇଁ ପ୍ରଣିପାତ କଲେ । ରୂପଶ୍ରୀ ବ୍ୟସ୍ତ ଭାବରେ ପଚାରିଲା- "କୁହ ଭିକ୍ଷୁ! ସାରୀପୁତ୍ତ କାହିଁ? ଆଜି ପରା ଫାଲ୍‌ଗୁନ ପୂର୍ଣ୍ଣିମା!"

ଭିକ୍ଷୁ ଜବାବ ଦେଲା – "ମୁଁ ଯେ ସାରୀପୁତ୍ତ ମା' !"

ରୂପଶ୍ରୀ କାନ୍ଦ କାନ୍ଦ ହୋଇ କହିଲା- "ନା, ନା-ମୋ' ସଙ୍ଗରେ ଆଉ ଛଳନା କରନା ବାପ! କୁହ ମୋର ସାରୀ କାହିଁ?"

ଭିକ୍ଷୁ ସ୍ମିତ ହସି କହିଲା- ମୁଁ ଯେ ତମରି ସାରୀପୁତ୍ତ ମା’ ! ଲୁମ୍ବିନୀରୁ ଆସୁଛି!”

ଏଇ ସାରୀପୁତ୍ତ! ଏଇ ଲଣ୍ଡିତମସ୍ତକ, ଜରାଜୀର୍ଣ୍ଣ, କଙ୍କାଳସାର ଭିକ୍ଷୁ! ମୁହଁରେ ପୁଣି ସେଇ ଅଲକ୍ଷଣା ଘରଭଙ୍ଗା କଥା- “ବୁଦ୍ଧଂ ଶରଣଂ ଗଚ୍ଛାମି!”

ଏ ଯେମିତି ତା’ର ଭଙ୍ଗା ସଂସାରର ବିକଟ ଉପହାସ! ତା’ର ସ୍ୱପ୍ନର ସମାଧି । ସେ ତ ଏ ସାରୀପୁତ୍ତକୁ ଚାହିଁ ନ ଥିଲା! ରୂପଶ୍ରୀର କଣ୍ଠ ହଠାତ୍ କଠୋର ହୋଇ ଉଠିଲା । ସେ ପଚାରିଲା, “କୁହ ଭିକ୍ଷୁ! ମୋ’ଠାରେ ବା କି ପ୍ରୟୋଜନ? ତମେ ପ୍ରଭୁ ବୁଦ୍ଧଙ୍କର ଶିଷ୍ୟଶିରୋମଣି, ସାଧକଶ୍ରେଷ୍ଠ ସାରୀପୁତ୍ତ! ଆଉ ମୁଁ ଦୀନା, ହୀନା ପୁତ୍ରହୀନା, ଏକ ଜନନୀ! କ’ଣ ବା ଅଛି ମୋ ର? କି ଭିକ୍ଷା ବା ଦେବି ମୁଁ?”

ବାଳିକା-ସୁଲଭ ଅଭିମାନରେ ବୃଦ୍ଧା ରୂପଶ୍ରୀର କଣ୍ଠ ଥରି ଥରି ଉଠିଲା!

ସାରୀପୁତ୍ତ କହିଲେ, “ଗୋଟିଏ ଭିକ୍ଷା ନେଇ ମୁଁ ଆସିଛି ମା’ ! ଗୌତମୀ ପ୍ରଜାପତିଙ୍କୁ ସଂଘରେ ଯୋଗଦେବା ପାଇଁ ପ୍ରଭୁ ବୁଦ୍ଧ ଆଜ୍ଞା ଦେଇଛନ୍ତି । ତାଙ୍କର ସହକର୍ମିଣୀ ରୂପେ, ମୁଁ ତମକୁ ଚାହେଁ ମା’ ! ସେହି ମୋର ଭିକ୍ଷା!”

ରୂପଶ୍ରୀ ଆହତ ଦୃଷ୍ଟିରେ ଚାହିଁଥିଲା ଫାଲ୍‌ଗୁନ ପୂର୍ଣ୍ଣମୀର ଚନ୍ଦ୍ରଆଡ଼େ । ସାରୀପୁତ୍ତ କହିଲେ, “କୁହ ମା’ ! ବୁଦ୍ଧଂ ଶରଣଂ ଗଚ୍ଛାମି!”

ରୂପଶ୍ରୀ ରୂଢ଼ କଣ୍ଠରେ କହିଲା, “ଫେରିଯାଅ ଭିକ୍ଷୁ! କୋଟି କୋଟି ପ୍ରାଣରେ ଅଶାନ୍ତି ଓ ଅତୃପ୍ତିର ଦାବାନଳ ଜଳାଇ ଯେଉଁ ସଂଘର ପ୍ରତିଷ୍ଠା, ସେ ସଂଘ ରହିବ ନାହିଁ ଭିକ୍ଷୁ । ଏ ମୋର ଅଭିଶାପ!”

ସାରୀପୁତ୍ତ କିଂକର୍ତ୍ତବ୍ୟବିମୂଢ଼ କଣ୍ଠରେ କହିଲେ... “ମା’ !”

ରୂପଶ୍ରୀ ଅଭିମାନଭରା କଣ୍ଠରେ ଉତ୍ତର ଦେଲା, “ଭିକ୍ଷୁର ମା’ ପୁଣି କିଏ, ସାରୀପୁତ୍ତ?”

ସାରୀପୁତ୍ତ ଶାନ୍ତ କଣ୍ଠରେ କହିଲେ, “ନିର୍ବାଣର ଏକମାତ୍ର ପଥ, ପ୍ରଭୁ ବୁଦ୍ଧଙ୍କର ଏହି ସଂଘ, ମା’ ! ନିର୍ବାଣ କ’ଣ ତମର ଅଭିପ୍ରେତ ନୁହେଁ ଜନନୀ?”

ରୂପଶ୍ରୀ କହିଲା- “ଫେରିଯାଅ ଭିକ୍ଷୁ, ମୁଁ ଚାହେଁ ଜୀବନ; ନିର୍ବାଣ ନୁହଁ!”

ରୂପଶ୍ରୀ ଫେରି ଆସିଲା ତା’ର ସେହି ଭଙ୍ଗା କୁଡ଼ିଆ ଆଡ଼େ । ସାରୀପୁତ୍ତ ରାତିର ଅଶରୀରୀ ଛାୟା ପରି ମିଶିଗଲେ ଫାଲ୍‌ଗୁନ ପୂର୍ଣ୍ଣିମାର ଜୋସ୍ନା ଭିତରେ ।